# ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରବେଶ ସଭା



ସୋନପୁର, ୨୦।୮ (ସ.ପ୍ର.)- ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ସୋନପୁର କଲେଜ ଶିକ୍ଷାକେନ୍ଦ୍ର ପକ୍ଷରୁ ଆଜି ଏକ ଇଣ୍ଡକ୍ସନ୍ ମିଟିଙ୍ଗ୍ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଡ.କେଦାରନାଥ ମିଶ୍ର ଯୋଗ ଦେଇ ଏହି ପାଠ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଏଭଳି ବ୍ୟବସ୍ଥା ଫଳରେ ଅନେକ କର୍ମ ସଂସ୍ଥାନର ସୁଯୋଗ ପାଇବେ ବୋଲି କହିଥିଲେ । ଆରମ୍ଭରେ ଓଡ଼ିଶା ମୁକ୍ତ ବିଶ୍ୱ ବିଦ୍ୟାଳୟ ସୋନପୁର ଶିକ୍ଷା କେନ୍ଦ୍ରର ସଂଯୋଜକ ଡ.ସତ୍ୟନାରାୟଣ ରଥ ସ୍ୱାଗତ ଭାଷଣ ଦେଇ ଏହି କେନ୍ଦ୍ରରେ ୧୫ ଟି ବିଭିନ୍ନ ଧନ୍ଦାମୂଳକ ପାଠ୍ୟକ୍ରମରେ ୪୧ ଜଣ ନାମ ଲେଖାଇଥିବା ସୂଚନା ଦେଇଥିଲେ । ଏପରିକି ଏଭଳି ବ୍ୟବସ୍ଥାରେ ବୟସସୀମା ନଥିବାରୁ ଏହା ଅନେକଙ୍କୁ କର୍ମସଂସ୍ଥାନ ଯୋଗାଇବାରେ ବିଶେଷ ସହାୟକ ହେବ ବୋଲି ପ୍ରକାଶ କରିଥିଲେ । ଏଥିରେ ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ କୁମାର ରଥ ଯୋଗ ଦେଇ ଏହି ଶିକ୍ଷାର ପାଠ୍ୟ ଖସଡା ଉପରେ ଆଲୋକପାତ କରିଥିଲେ । ସାଧନ କର୍ମୀ ଭାବେ ମଡେଲ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ.ଅମିୟ କୁମାର ରଥ ଯୋଗ ଦେଇ ବିଭିନ୍ନ ପାଠ୍ୟକ୍ରମରେ ରହିଥିବା ବ୍ୟବସ୍ଥା ଉପରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପରାମର୍ଶଦାତା ଭାବେ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ, ସନ୍ତୋଷ କୁମାର ମହାପାତ୍ର, ଦୀନବନ୍ଧୁ ମେହେର, ଆଶିଷ ଅଗ୍ରୱାଲ ପ୍ରମୁଖ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ବିଷୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ଓ ପରିଚୟପତ୍ର ପ୍ରଦାନ କରା ଯାଇଛି । ଏଥିରେ ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଯୋଗ ଦେଇଥିଲେ ।